## ଗ୍ୟାସ୍ ଲିକ୍ ହୋଇ ଦୋକାନ ସାମଗ୍ରୀ ଜଳିଗଲା

ଚିକିଟି,(ଡି.ଏନ.ଏ.):ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମର ଖଡୁରା ସାହିରେ ମମତା ନାୟକଙ୍କ ଏକ କିରାଣି ଦୋକାନରେ ସୋମବାର ଗ୍ୟାସ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ଏଥିରେ ମମତା ଅଳ୍ପକେ ବର୍ତ୍ତିଥିବା ଜଣାପଡିଛି। ମମତା ରୋଷେଇ କରୁଥିବା ସମୟରେ ହଠାତ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଦୋକାନରେ ଥିବା ଇନଭେଟର ସମେତ ବିଭିନ୍ନ ସାମଗ୍ରୀ ଜଳିଯାଇଥିଲା। ମମତାଙ୍କ ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭେଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ନିଆଁକୁ ଆୟତ କରିପାରିନଥିଲେ। ଚିକିଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି । କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ବନପାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଜିଉଦୟଗିରି,୫।୬-ସ୍ଥାନୀୟ ବନବିଭାଗ ବିଶ୍ରାମ କକ୍ଷରେ ବନପାଳ ପ୍ରବୀଣ କୁମାର ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇବା ସହ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବନପାଳ ପ୍ରଶାନ୍ତ କୁମାର ସାହୁଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଅବସ୍ଥାପିତ ପ୍ରବୀଣ ଫିରିଙ୍ଗିଆ ସଦର ବନପାଳ ଭାବେ ବଦଳି ହୋଇଥିବା ବେଳେ ସୁଡୁରୁକୁମ୍ପା ବନପାଳ ପ୍ରଶାନ୍ତ କୁମାର ସାହୁ ସ୍ଥାନୀୟ ସଦର ବନପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନେଇ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଯୋଗେନ୍ଦ୍ର ନାଥ ସେନାପତି ସୂଚନା ଦେଉଛନ୍ତି।

### ପରିମଳ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ

ଜି.ଉଦୟଗିରି,୫।୬(ଡି.ଏନ.ଏ.)-ପରିମଳ କର୍ମଚାରୀମାନଙ୍କୁ ପରିଚୟ ପତ୍ରଦେଇଛି ଏନ୍ଏସି। ସୋମବାର ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପରିମଳ କର୍ମଚାରୀମାନଙ୍କୁ ଗରିମା ଯୋଜନାରେ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସୋମବାର ଟାଉନହଲଠାରେ ୧୯ ଜଣ ପ୍ରମୁଖ ପରିମଳ କର୍ମଚାରୀମାନଙ୍କୁ ପରିଚୟ ପ୍ରଦାନ କରାଯାଇଛି। ଆୟୋଜିତ ପରିଚୟ ପତ୍ର ପ୍ରଦାନ ଉତ୍ସବରେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ଏନ୍ଏସି ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିବା ବେଳେ ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ୨ ପୋଲିସ ଆହତ, ୩ ଗିରଫ

ଗୋପାଳପୁର,୫।୬(ଡି.ଏନ.ଏ.):ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିବା ବେଳେ ଦୁଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଥାନା ଅଧୀନ ପି. ପ୍ରସାଦ ରାଓ (୩୬), କେ ଭିଗେନେସ ରେଡି (୩୦) ଓ ଝାଟିପଦର ଗ୍ରାମର ପି ମୋହନ ରେଡି (୩୦)। ଏହି ଥାନା ଅଧୀନ ଝାଟିପଦର ଗ୍ରାମ ନିକଟରେ ଥିବା ଜଙ୍ଗଲର କିଆବାଡ଼ରେ କିଛି ଦିନ ହେଲା ଜୁଆ ଆଡ୍ଡା ଚାଲିଥିଲା। ଖବର ପାଇ ଗୋଳନ୍ଥରା ପୋଲିସ ଜୁଆ ଆଡ୍ଡା ଉପରେ ଛାପା ମାରିଥିଲା। ତିନିରୁ ଚାରି ଜଣ ଜୁଆଡ଼ି ପୋଲିସ କନଷ୍ଟେବଳ ସଞ୍ଜୀବ ଭୂୟାଁ ଓ ସୁନୀଲ ନାୟକଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲା ବେଳେ ଘଟଣାସ୍ଥଳରୁ ତିନି ଜଣଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କଠାରୁ ଏକ ଲକ୍ଷ ୪୪ ହଜାର ୫ ଶହ ୭୦ ଟଙ୍କା ଜବତ, ୧୦ ନୂଆ ତାସ ପକେଟ, ଚାରୋଟି ବାଇକ ଜବତ ହୋଇଛି। ଏ ନେଇ ନଂ. ୨୬୦/୨୩ରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି।

### ଛାତ୍ରୀ ନିଖୋଜ ଅଭିଯୋଗ

ଗୋପାଳପୁର,୫।୬(ଡି.ଏନ.ଏ.):ସରକାରୀ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ରୀ ନିଖୋଜ ଥିବା ନେଇ ଗୋପାଳପୁର ଥାନାରେ ସୋମବାର ଅଭିଯୋଗ ହୋଇଛି। ଶୀତଳପଲ୍ଲୀ ସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରଧାନ ଇଲେକ୍ଟ୍ରିକାଲ ବିଭାଗର ତୃତୀୟ ବର୍ଷର ଛାତ୍ରୀ ଦ୍ୱିତୀୟ ବର୍ଷ ଛାତ୍ରୀ ଆବାସରେ ରହୁଥିଲେ। ରବିବାର ହଠାତ ସେ ନିଖୋଜ ହୋଇପଡିଥିଲେ। ଏ ନେଇ ହଷ୍ଟେଲ ୱାଡେନ ଗୋପାଳପୁର ଥାନାରେ ଅଭିଯୋଗ କାରିଥିଲେ। ପୋଲିସ ନଂ. ୩୯/୨୩ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରିୟଙ୍କା ରହୁଥିବା ରୁମରୁ ଏକ ହାତ ଲେଖା ଚିଠି ପୋଲିସ ଜବତ କରିଛି। ମୁ ନିଜ ଗୋଡ଼ରେ ଛିଡା ହେବି ମୋତେ କେହି ଖୋଜନ୍ତୁ ନାହିଁ ବୋଲି ଉଲ୍ଲେଖ ରହିଛି।

# ଅଘୋଷିତ ବିଦ୍ୟୁତ୍‌କାଟ୍‌କୁ ନେଇ ରାସ୍ତାରୋକୋ

ପାରଳାଖେମୁଣ୍ଡି,୫।୬(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ନିକଟ ରାଣୀପେଣ୍ଠ ଗ୍ରାମରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଉତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିବା ସହ ଜେଇ ଓ ଲାଇନ୍‌ମ୍ୟାନଙ୍କୁ ଅଟକ ରଖି ଆନ୍ଦୋଳନ କରିଥିଲେ। ଫଳରେ ପାରଳାଖେମୁଣ୍ଡିଠାରୁ ରାୟଗଡ଼ା ମୁଖ୍ୟ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା। ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ଜନସାଧାରଣ ଅସ୍ତବ୍ୟସ୍ତ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିପକାଉଛି। ଏହାକୁ ସହ୍ୟ କରି ନ ପାରି ରବିବାର ବିଳମ୍ବିତ ରାତିଯାଏ ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ ଗ୍ରାମର ଲୋକେ ଜେଇ ଏବଂ ଲାଇନମ୍ୟାନ୍‌ଙ୍କୁ ଅଟକ ରଖି ରାସ୍ତାରୋକୋ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଲୋକଙ୍କ ଅଭିଯୋଗ କ୍ରମେ ଗ୍ରାମରେ ବାରମ୍ବାର ଦିନସାରା ବିଦ୍ୟୁତ କାଟ ହେଉଛି। ସେପଟେ ଗାଁରେ ବିଦ୍ୟୁତଜନିତ ରାତିଅଧିଆ କୌଣସି ସମସ୍ୟା ଦେଖାଦେଲେ କୋଣସି କର୍ମଚାରୀ ରାହୁନାହାନ୍ତି। ଏ ନେଇ ଗାଁ ଲୋକେ ବିଭାଗ ପାଖରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଲୋକମାନେ ରାସ୍ତାରୋକୋ କରିଥିଲେ। କୌଣସି ସ୍ଥାୟୀ ସମାଧାନ ନ ବାହାରିବା ଯାଏ ଆନ୍ଦୋଳନରୁ ଓହରିବେନି ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ଘଟଣାସ୍ଥଳରେ ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଜେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ।



ଲୋକମାନେ ରାସ୍ତାରୋକୋ କରିଛନ୍ତି।

## କୁମ୍ଭକାର ସମାଜର ବାର୍ଷିକ ମହାସଭା ଉଦ୍‌ଯାପିତ

ଦାରିଙ୍ଗବାଡ଼ି, ୫।୬ (ଡି.ଏନ୍.ଏ )

କନ୍ଧମାଳ ଜିଲା କୁମ୍ଭକାର ସମାଜର ୩୩ତମ ବାର୍ଷିକ ମହାସଭା ଦାରିଙ୍ଗବାଡି ବ୍ଲକ ଶ୍ରାନିକେତା ପଞ୍ଚାୟତ ଠାକୁରାଣୀ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ଶୁକ୍ରବାରଠାରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପନ ହୋଇଛି। ୩ ଦିନ ଧରି ଏହି ମହାସଭା ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନରେ ଏଥିରେ କୁମ୍ଭକାର ସମାଜର ସଭାପତି ଲଳିତ ମୋହନ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜ ସମାଜର ପତାକା ଉତ୍ତୋଳନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ମହାସଭାର ଶୁଭାରମ୍ଭ କରିଥିରେ। ଏଥିରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (କନ୍ଧମାଳ)ର ଅଧ୍ୟକ୍ଷ ରୋଦନ ମଲିକ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଓଲିଉଡ୍ କଳାକାର ଓ ଫୁଲବାଣୀ ବିଜ୍ଞାପିତ ପରିଷଦର କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଜଳନ୍ଧର ବେହେରା ପ୍ରମୁଖ ଯୋଗଦେଇଥିଲେ। କୁମ୍ଭକାର ଜାତିର ଆର୍ଥିକ, ଶୈକ୍ଷିକ, କୌଳିକ ବୃତ୍ତି କରୁଥିବା ବ୍ୟକ୍ତିମାନଙ୍କୁ ତାଲିମ ତଥା ବିଦ୍ୟୁତ୍ ଚାଳିତ ଚକ, ଯୌତୁକ ପ୍ରଥା, ବାଲ୍ୟ ବିବାହ, ନାରୀ ଶିକ୍ଷା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିପରି ସମାଜର କାର୍ଯ୍ୟରତ ଉପସଭାପତି କର୍ଣ୍ଣ ରଣା, କପିଳ ରଣା, ସମ୍ପାଦକ ସୁବଳ ରଣା, ସହ ସମ୍ପାଦକ ଶଶି ବେହେରା, କୋଷାଧକ୍ଷ ସନ୍ତୋଷ କୁମାର ବେହେରା, ସମୀକ୍ଷକ ଅରକ୍ଷିତ ବେହେରା, ତ୍ରିପତି ବେହେରା, ବିଶିକେଶନ ବେହେରା, ନିରାକାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ପାରଳାଖେମୁଣ୍ଡି,୫।୬(ଡି.ଏନ୍.ଏ.)

ଗଜପତି ଜିଲା ସଦରମହକୁମାଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ, ଜିଲା ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କରାଣ୍ଡି, କଥଳକଇଠା, ବାଘଶାଳ, ରାଣୀପେଣ୍ଠ ଓ ସିଧମାଡ଼ଙ୍ଗା ପଞ୍ଚାୟତର ୭୨ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ସମସ୍ୟା ଅଭିଯୋଗ ଆସିଥିଲା।

## ବିଭିନ୍ନ ଦାବି ପୂରଣକୁ ନେଇ ସ୍ମାରକପତ୍ର




ପାରଳାଖେମୁଣ୍ଡି ,୫।୬(ଡି.ଏନ୍.ଏ.)

ଗଜପତି ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ କ୍ଷେତ ମଜଦୁର ୟୁନିୟନ ଏବଂ ଉତ୍କଳ ମହିଳା ସମିତି ଗଜପତି ଜିଲା ପକ୍ଷରୁ ବିଭିନ୍ନ ଦାବି ପୁରଣକୁ ନେଇ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଧୀରେନ୍ଦ୍ର କୁମାର ଦାସଙ୍କୁ ପ୍ରଦାନ କରାଯାଇଛି। ବିକେଏମ୍‌ୟୁର ରାଜ୍ୟ ସଭାପତି ଜନା ସୁବାସ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ କ୍ଷେତ ମଜଦୁର ୟୁନିୟନ, ଉତ୍କଳ ମହିଳା ସମିତି ବହୁ ସଂଖ୍ୟକ କର୍ମକର୍ତ୍ତାମାନେ ଉପସ୍ଥିତରହି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘରହୀନ ଲୋକଙ୍କୁ ଘର ଡିହ ପ୍ରଦାନ କରିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ୫୫ବର୍ଷ ବୟସ ପରେ ୫ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ଅକର୍ମଣ୍ୟ ଭତ୍ତା ୧୦ହଜାର ଟଙ୍କା ଦେବା, ବିପିଏଲ ଏବଂ ଅନ୍ତୋଦୟ କାର୍ଡଧାରୀମାନଙ୍କୁ ୩୫ କେଜି ଚାଉଳ ପ୍ରଦାନ କରିବା, ଘର ଘରକୁ ଯାଇ ଚାଉଳ, ଭତ୍ତା ଆଦି ପ୍ରଦାନ କରିବା, ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରିବା, ଗରିବ ଲୋକଙ୍କୁ ଜମି, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ପ୍ରଦାନ କରିବା, ଘରଡିହ ପାଇଁ ପ୍ରଦାନ କରାଯାଇଥିବା ଲିଜ ଦରଖାସ୍ତଗୁଡିକୁ ୧୫ ଦିନ ମଧ୍ୟରେ ତଦନ୍ତକରି ତୁରନ୍ତ ଘର ଡିହ ପ୍ରଦାନ କରିବା ଆଦି ଦାବି ରହିଛି ।

# ପରିବେଶ ସୁରକ୍ଷା କରିପାରିଲେ ଅଧିକ ଦିନ ବଞ୍ଚିପାରିବା

ଚିକିଟି/ ଦିଗପହଣ୍ଡି/ ତୁମୁଡିବନ୍ଧ/ପୁରୁଷୋତ୍ତମପୁର/ ଜି.ଉଦୟଗିରି/ପାତ୍ରପୁର/ ଜଗନ୍ନାଥପ୍ରସାଦ/ଗଞ୍ଜାମ/ଆସିକା/ ଧରାକୋଟ, ୫।୬(ଡି.ଏନ୍.ଏ.)




ତୁମୁଡ଼ିବନ୍ଧରେ ସଚେତନତା ଶୋଭାଯାତ୍ରା ।

ପରିବେଶକୁ ସୁରକ୍ଷା କରିପାରିଲେ ଆମେ ଅଧିକ ଦିନ ବଞ୍ଚିପାରିବା । ବର୍ତ୍ତମାନ ଲୋକମାନେ ଗଛକୁ କାଟି ବିପଦକୁ ଟାଣି ଆଣୁଛନ୍ତି । ଯଦି ଏହାକୁ ରୋକ ନଯାଏ ତେବେ ଶୀଘ୍ର ପୃଥିବୀ ଧ୍ୱଂସ ପାଇଯିବ ବୋଲି ସୋମବାର ବିଶ୍ୱ ପରିବେଶ ଦିବସରେ ଗଞ୍ଜାମ ଜିଲା ଚିକିଟିଗଡ ଚିତ୍ରକାର ସାହିର ଯୁବଗୋଷ୍ଠି ତରଫରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ତହସିଲ୍ଦାର ବିଶ୍ୱରଞ୍ଜନ କହଁର ଯୋଗଦେଇ କହିଛନ୍ତି।

ତୁମୁଡିବନ୍ଧ ବନାଞ୍ଚଳ ତରଫରୁ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ବନପାଳ ମନ୍ମଥ ପରିଚ୍ଛାଙ୍କ ନେତୃତ୍ୱରେ ବୁଦ୍ଧିଜୀବି, ଓକିଲ ଏବଂ ତୁମୁଡିବନ୍ଧର ବରିଷ୍ଠ ନାଗରିକ ମାନଙ୍କୁ ନେଇ ତୁମୁଡିବନ୍ଧ ଜେଏମଏଫସି କୋର୍ଟ ପରିସରରେ କିଛି ବୃକ୍ଷ ରୋପଣ କରାଯାଇଥିଲା।

ସେହିପରି ବିଶ୍ୱ ପରିବେଶ ଦିବସ ଅବସରରେ ପୁରୁଷୋତ୍ତମପୁର ତାରାତାରିଣୀ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପାହାଡ଼କୁ ବନୀକରଣ କରି ଆହୁରି ଆକର୍ଷଣୀୟ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଜିଲା ବନଅଧିକାରୀ ସନି ଖେଖର, ପୁରଷୋତ୍ତମପୁର ଏନ୍ଏସି ଅଧକ୍ଷା ପ୍ରିୟଙ୍କା ଗୌଡ, ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ବିଜୟ କୁମାର ବେହେରା ଉପସ୍ଥିତ ରହି ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ।

ଜି.ଉଦୟଗିରି ବନପାଳ ପ୍ରଶିକ୍ଷଣ ଶିବିରରେ ବିଶ୍ୱ ପରିବେଶ ଦିବସ ପରିବେଶକୁ କିଭଳି ସୁରକ୍ଷା କରାଯିବ ସେଥିପାଇଁ ସଚେତନ ଶୋଭାଯାତ୍ରାରେ ବାହାରି ବୃକ୍ଷର ସୁରକ୍ଷା, ଚାରା ରୋପଣ, ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ପାତ୍ରପୁର ବ୍ଲକ ପୋଲରାଜପୁର ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରାଜେଶ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ କୃଷ୍ଣ ଚନ୍ଦ୍ର ସେଠୀ, ଅରୁଣ କୁମାର ପ୍ରଧାନ, ଲକ୍ଷ୍ମୀ ନାରାୟଣ ବେହେରା ଓ ଘନଶ୍ୟାମ ସେଠୀ ସହଯୋଗ କରିଥିଲେ।

ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ୍ ଶାଖା ତରଫରୁ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ସ୍ୱେଚ୍ଛାସେବୀ ଗୋପାଳ ନାୟକ, ଦିପୁ ସାହୁ, ରାଜେଶ ପ୍ରଧାନ, ଶୋଭନ ସାହୁ, ଫକୀର ସେନାପତି, ଶୁଭମ୍ ମହାନ୍ତି, ନିଳାଞ୍ଚଳ ପ୍ରଧାନ, ଶାନ୍ତିରାଜ ପ୍ରଧାନ ବୃକ୍ଷ ରୋପଣ କରିଥିଲେ।

ଗଞ୍ଜାମ ସହର ରଘୁନାଥ ସାହି ସ୍ଥିତ ଏସଏମ ଟିଉଟରିଆଲରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏନଏସି ଇଓ ଅବିନାଶ ମିଶ୍ର, ଏସଏମ ପରିଚାଳକ ଶବର କୁମାର ତରାଇ, ପ୍ରେସ କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ, ଯୁଥକ୍ଲବ ସମ୍ପାଦିକା ବିଜୟଲକ୍ଷ୍ମୀ ମହାଙ୍କୁଡ, ଉପସଭାପତି ରାକେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆସିକା ବନାଞ୍ଚଳର ଚେରମାରିଆସ୍ଥିତ ଇକୋ ଟୁରିଜମ ସେକ୍ଟରଠାରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଓକିଲ ସଂଘ ସଂପାଦକ ନାରାୟଣ ମୁନି, ଆଇନଜୀବି ସୁଧାଂଶୁ କୁମାର ପାଣିଗ୍ରାହୀ, ମଧୁସ୍ମିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଧରାକୋଟ ବଡ଼ଦାଣ୍ଡ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

## ଡିଭାଇଡର ଉପରେ ଚଢ଼ିଗଲା ଟ୍ରକ୍

ହିଞ୍ଜିଳିକାଟୁ, ୫।୬(ଡି.ଏନ.ଏ.):

ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ଏକ ଟ୍ରକ ରାସ୍ତା ମଧ୍ୟସ୍ଥ ଡିଭାଇଡର ଉପରେ ଚଢ଼ିଯାଇଛି। ଦୁର୍ଘଟଣାରେ ଟ୍ରକ ଚାଳକ ଆହତ ହୋଇଥିବା ବେଳେ ଟ୍ରକର ସମ୍ମୁଖ ଭାଗ ନଷ୍ଟ ହୋଇଛି। ଟ୍ରକଟି ସୋମବାର ସନ୍ଧ୍ୟାରେ ହିଞ୍ଜିଳିକାଟୁଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମହେନ୍ଦ୍ରଗିରିରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

ପାରଳାଖେମୁଣ୍ଡି,୫।୬(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଶିଖରରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନୀତି ଆୟୋଗର ମିଶନ ଲାଇଫ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦ ପ୍ରମୁଖ ଯୋଗ ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଗଣ, ମହେନ୍ଦ୍ରଗିରି ଇକୋ ଡେଭଲପ୍‌ମେଣ୍ଟର ସଦସ୍ୟଗଣ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରାଯାଇଥିଲା। ଏଥିସହିତ ମହେନ୍ଦ୍ର ପାର୍ବତ୍ୟ ଅଞ୍ଚଳରେ ସମସ୍ତେ ମିଳିମିଶି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇକରି ସମୁଦାୟ ୨ ଟ୍ରାକ୍ଟର ପରିମାଣର ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ପ୍ରାୟ ୨୫୦୦ ସିଡ୍ ବଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣ କରିଥିବା ଜଣାଯାଇଛି।

### ବିଧାୟକ, ଏମ୍‌ପିଙ୍କ ପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଳନ

## ରାବତବାଡ଼ି ଗ୍ରାମରେ ନଳକୂପ ଖନନ ଆରମ୍ଭ



ନଳକୂପ ଖନନ କରାଯାଉଛି ।

ଫୁଲବାଣୀ ଅଫିସ/କ.ନୂଆଗାଁ, ୫।୬

ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ଓ ଏମ୍‌ପିଙ୍କ ପ୍ରତିନିଧି ଟୁନା ଦାସ କ.ନୂଆଗାଁ ବ୍ଲକ ରାବତବାଡି ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି । ପ୍ରତିଶ୍ରୁତି ଦେବାର ମାତ୍ର ୩ ଦିନ ମଧ୍ୟରେ ଗ୍ରାମର ୮୦ ପରିବାରଙ୍କ ପାଇଁ ୫ଟି ନଳକୂପ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିସହ ବନ୍ଦ ହୋଇ ପଡିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକାରୀ କରାଯାଇଛି ।

କ.ନୂଆଗାଁ ବ୍ଲକ ବାଲିଗାଡା ପଞ୍ଚାୟତ ରାବତବାଡି ଗାଁର ୮୦ରୁ ଊର୍ଦ୍ଧ୍ୱ ପରିବାର ବିଧାୟକ କହଁର ଓ ଏମ୍‌ପିଙ୍କ ପ୍ରତିନିଧି ଦାସଙ୍କ ନେତୃତ୍ୱରେ କଂଗ୍ରେସ ଓ ଭାଜପା ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ଧରି ରାବତବାଡ଼ି ଗ୍ରାମରେ ପାନୀୟ ଜଳ ସମସ୍ୟା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକାରୀ ହେଉ ନ ଥିବା ସହ ନେଟୱର୍କ ଜନିତ ସମସ୍ୟା ଲାଗି ରହିଥିଲା । ମିଶ୍ରଣ ପର୍ବରେ ରାବତବାଡ଼ି ଗାଁ ର ବିକାଶ ପାଇଁ ଉଭୟ ପ୍ରତିଶ୍ରୁତି ଦେଇଥିଲେ। ପାନୀୟ ଜଳ ସମସ୍ୟା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନେଟୱର୍କ, ରାବତବାଡି ଗ୍ରାମରୁ ସିମନବାଡ଼ି ଗ୍ରାମକୁ ରାସ୍ତା ଭଳି ବିଭିନ୍ନ ସମସ୍ୟାକୁ ଶୀଘ୍ର ସମାଧାନ ସହ କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ପ୍ରତିଶ୍ରୁତି ରଖି କାମ ଆରମ୍ଭ କରିଥିବାରୁ ବିଧାୟକ ଏବଂ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

# ହକି ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ

ଛତ୍ରପୁର,୫।୬(ଡି.ଏନ୍.ଏ.)

### ପଦ୍ମଶ୍ରୀ ଦିଲୀପ ର୍ତିକୀ କଲେ ଶୁଭାରମ୍ଭ



ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ଅତିଥି।

ତୃଣମୂଳ ସ୍ତରରେ ରହିଥିବା ହକି ପ୍ରତିଭାମାନଙ୍କୁ ସୁଯୋଗ ଦେବା ନିମନ୍ତେ ୧୬ ବର୍ଷ ବୟସ ବାଳିକା ବାଳକ କ୍ରୀଡାବିତ୍‌ମାନଙ୍କ ଚୟନ ପ୍ରକ୍ରିୟା ଛତ୍ରପୁର ହକି ଖେଳପଡିଆ ଠାରେ ସୋମବାର ଆରମ୍ଭ ହୋଇଛି । ଭାରତୀୟ ହକିର ସଭାପତି ପଦ୍ମଶ୍ରୀ ଦିଲୀପ ର୍ତିକି ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଛନ୍ତି । ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ତୃତୀୟ ଓଡିଶା ନାଭାଲ ଟାଟା ହକି କ୍ରୀଡ଼ାବିତ୍ ଚୟନ ହେବ। ଜିଲାପାଳ ନିଜ ବକ୍ତବ୍ୟରେ କହିଥିଲେ, ଖେଳର ବିକାଶ ନିମନ୍ତେ ଓଡିଶା ସରକାର ଅବିରତ ପ୍ରୟାସ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ଫଳରେ ଛତ୍ରପୁରରେ ହକି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ହୋଇଛି । ଏଠାରେ ବାଳିକା ବାଳକ ପ୍ରଶିକ୍ଷଣ ନେବାର ସୁଯୋଗ ପାଇବେ। ଓଡିଶାର ଗଞ୍ଜାମ, ଢେଙ୍କାନାଳ, ଯାଜପୁର, ନୟାଗଡ, ମୟୁରଭଞ୍ଜ, କଳାହାଣ୍ଡି, ସୁନ୍ଦରଗଡ ଓ ସମ୍ବଲପୁର ଜିଲାରୁ ଆସିଥିବା ୧୧ଟି ଉଭୟ ବାଳିକା ଓ ବାଳକ ଦଳ ଚୟନ ହେବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ର୍ତିକି ଛତ୍ରପୁର ହକି ଖେଳରେ ଅନେକ ସୁନାମ ଆଣିଛି ; ସେହି ଦୃଷ୍ଟିରୁ ଏହି ପ୍ରଶିକ୍ଷଣ କେନ୍ଦ୍ର ଗ୍ରାମାଞ୍ଚଳର ହକି ଖେଳାଳିଙ୍କ ନିମନ୍ତେ ଏକ ଅପୂର୍ବ ସୁଯୋଗ ଆଣି ଦେବ ବୋଲି କହିଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚୟନ ପ୍ରତିଯୋଗିତାରେ ନିଶ୍ଚିତ ଭଲ ଖେଳାଳି ଚୟନ ହୋଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓ. ଏସ.ସି. ଏଚ ଆର୍ ର ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ପାଲ ଓଡିଶା ନାଭାଲ ଟାଟା ହକିର ମୁଖ୍ୟ କାର୍ଯ୍ୟ ସେଣ୍ଟର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । କ୍ରୀଡା ଆରମ୍ଭ ପୂର୍ବରୁ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚୟନ କୋଚ ଭାବେ ରାଜନ ଇକ୍କା, ବରିଷ୍ଠ ଜାତୀୟ ଖେଳାଳୀ ଦୀପକ ଜେ. କେର୍କେଟା, ସୁଧୀର ଇକ୍କା ଏବଂ ନାଭାଲ ଟାଟା ଗ୍ରାସ ରୁଟ ହକି ସଂଯୋଜକ ଶେଖର ଚନ୍ଦ୍ର ବେହେରା, ବୈଷୟିକ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ କୋଚ ପିଟର ସୋରେନ, ବୈଷୟିକ ନିର୍ଦ୍ଦେଶକ ତଥା ବରିଷ୍ଠ ଜାତୀୟ କ୍ରୀଡବିତ୍ ଜି. ତେଜେଶ୍ୱର ରାଓ ଓ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ସଭାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିଲେ । ଗଞ୍ଜାମ ହକି ସଂଘର ସମ୍ପାଦକ ଶତ୍ରୁଘ୍ନ ନାହାକ ଏବଂ ଉପ ସଭାପତି ଟି ଚନ୍ଦ୍ର ଶେଖର ରାଓ, ବହୁକ୍ରୀଡା ପ୍ରତିଭାବାନ ବ୍ୟକ୍ତି ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ନିର୍ମାଣ ହେଉନି ଗୋପାଳପୁର-ରାୟଗଡ଼ା ରେଳପଥ

**ବ୍ରହ୍ମପୁର ଅଫିସ,୫।୬**

- ଦକ୍ଷିଣାଞ୍ଚଳ ପ୍ରତି ରେଳ ମନ୍ତ୍ରଣାଳୟର ଅବହେଳା
- ଗୋପାଳପୁର ବନ୍ଦର ନୌ-ବାଣିଜ୍ୟର ଘଟୁନି ଅଭିବୃଦ୍ଧି

ଭାଜପା ନେତୃତ୍ୱାଧିନ କେନ୍ଦ୍ର ଏନ୍‌ଡିଏ ଶାସନରେ ଦକ୍ଷିଣାଞ୍ଚଳ ପ୍ରତି ରେଳ ମନ୍ତ୍ରଣାଳୟର ଅବହେଳା ଅବ୍ୟାହତ ରହିଛି। ୧୫ ବର୍ଷ ତଳୁ ସର୍ଭେ ସରିଥିବା ଗଞ୍ଜାମ ଜିଲାର ବେଳାଭୂମି ସହର ଗୋପାଳପୁର ଠାରୁ ଦକ୍ଷିଣାଞ୍ଚଳର ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ୨୫୮ କି.ମି. ଦୈର୍ଘ୍ୟ ନୂଆ ରେଳପଥ ନିର୍ମାଣ ପ୍ରତି ଆଖି ବୁଜି ଦିଆଯାଇଛି। ଫଳରେ ଗୋପାଳପୁର ବନ୍ଦରର ନୌବାଣିଜ୍ୟ ଅଭିବୃଦ୍ଧି ଘଟୁ ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ସେହିପରି ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏବଂ ବ୍ରହ୍ମପୁର ମହାନଗର ନିକଟ ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳ ୱାଗନ ନିର୍ମାଣ ଫ୍ୟାକ୍ଟ୍ରି ବନ୍ଦ ବା ବାତିଲ କରାଯାଇଛି। କେବଳ ସେତିକି ନୁହେଁ ବ୍ରିଟିଶ ସରକାର ଅମଳର ସର୍ବ ପୁରାତନ ବ୍ରହ୍ମପୁର ରେଳଷ୍ଟେଶନ ଆଧୁନୀକିକରଣ ଓ ସମ୍ପ୍ରସାରଣ ପ୍ରତି ଅଣଦେଖା କରାଯାଇଛି।

ଅପରପକ୍ଷରେ ୧୯୮୦ରେ ରାଜ୍ୟ ସରକାର ୧୪୦ କୋଟି ଟଙ୍କା ବ୍ୟୟରେ ଆର୍ଯ୍ୟପଲ୍ଲୀ ଠାରେ ନିର୍ମାଣ କରିଥିବା ସାମୟିକ କ୍ଷୁଦ୍ର ବନ୍ଦର ୧୯୯୯ ମହାବାତ୍ୟାରେ ଧ୍ୱଂସ ହୋଇଯାଇଥିଲା। ୨୦୦୬ରେ ଏହାକୁ ଘରୋଇ ମାଲିକାନାକୁ ହସ୍ତାନ୍ତର କରାଗଲା। ବନ୍ଦରକୁ ବିକାଶ ସହ ସବୁଦିନିଆ କରିବାର ସର୍ତ୍ତ ରଖାଯାଇଥିଲା। ଏହାର ୧୮ ବର୍ଷ ବିତିବାକୁ ଯାଉଛି ଏବଂ ଯଥାପୂର୍ବଂ ଅବସ୍ଥାରେ ଅଛି। ଦକ୍ଷିଣାଞ୍ଚଳର ଏହି ଏକମାତ୍ର ବନ୍ଦର ସବୁଦିନିଆ ହୋଇଥିବା ଘରୋଇ କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଦେଶ ବିଦେଶରୁ ଜାହାଜ ବନ୍ଦରରେ ଲାଗୁ ନ ଥିବାରୁ ସନ୍ଦେହ ଘେରକୁ ଆସିଛି। ବନ୍ଦରର ନୌବାଣିଜ୍ୟ କାରବାର ମଧ୍ୟ ଆଶାନୁରୂପ ହୋଇନଥିବା ସେଠାର ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ଖବର ମିଳିଛି। ବନ୍ଦରର ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ କହିବାନୁସାରେ ପାରାଦୀପ ବନ୍ଦର କାରବାର ବଢ଼ିଗଲେ ବଳକା ମାଲ ବିଭିନ୍ନ ସମୟରେ କାଁ ଭାଁ ଗୋପାଳପୁରକୁ ଆସୁଛି। ତେଣୁ ନିୟମିତ ନୌବାଣିଜ୍ୟ ହୋଇପାରୁନଥିବା ସେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଗୋପାଳପୁର ବନ୍ଦରର ସାମଗ୍ରିକ ନୌବାଣିଜ୍ୟ କାରବାର ଅଭିବୃଦ୍ଧି ନିମନ୍ତେ ପ୍ରସ୍ତାବିତ ଗୋପାଳପୁର-ରାୟଗଡ଼ା ନୂଆ ରେଳ ଲିଙ୍କ ଅପରିହାର୍ଯ୍ୟ ହୋଇଛି। ଏହା ନିର୍ମାଣ ହେଲେ ଦାମନଯୋଡ଼ି ନାଲକୋର ଉତ୍ପାଦିତ ସାମଗ୍ରୀ ରେଳପଥରେ ଆର୍ଯ୍ୟପଲୀ ଆସିବ ଏବଂ ସେଠାରୁ ଦେଶ ବିଦେଶକୁ ରପ୍ତାନୀ ହେଲେ ନୌବାଣିଜ୍ୟ ବୃଦ୍ଧି ଘଟିବ। ତେଣୁ ଦକ୍ଷିଣ ଓଡ଼ିଶାର ଏମପିମାନେ ମିଳିତ ଭାବେ କେନ୍ଦ୍ର ଉପରେ ଚାପ ପକାଇ ନୂଆ ରେଳପଥ ନିର୍ମାଣକୁ ଗୁରୁତ୍ୱ ଦେବାକୁ ସଚେତନ ମହଲରୁ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଅତୀତରେ ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବା ବେଳେ ଓଡ଼ିଶା ପାଇଁ ୱାଗନ ନିର୍ମାଣ କାରଖାନା ମଞ୍ଜୁର କରିଥିଲେ। ତାହା କଳାହାଣ୍ଡି ଜିଲାର ନର୍ଲା ଠାରେ କରାଯିବାର ଦର୍ଶାଇଥିଲେ। ସେଠାରେ ଆବଶ୍ୟକ ସରକାରୀ ଜମି ଅଭାବରୁ ସମସ୍ୟା ଦେଖାଦେଇଥିଲା। ଏହାର ସୁଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମକୁ ସ୍ଥାନାନ୍ତର କରିବାର ସଫଳ ହୋଇଥିଲେ। ଶୀତଳାପଲ୍ଲୀରେ ଶତାଧିକ ଏକର ଜମି ଚିହ୍ନଟ ହୋଇ ରେଳ ମନ୍ତ୍ରଣାଳୟକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେଲା। ରେଳବାଇର ବୈଷୟିକ ଅଧିକାରୀମାନେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ସହ ମନମୋହନ ସିଂହ ସରକାରରେ ବଜେଟରେ ପ୍ରଥମେ ବ୍ୟୟବରାଦ କରାଯାଇଥିଲା। ଉପା ସରକାର ପରେ ଏନଡିଏ ସରକାର ହେଲା ଓ ଏହି ଶାସନରେ ୱାଗନ ଫ୍ୟାକ୍ଟ୍ରି ବାତିଲ କରାଯାଇଛି। ତେଣୁ ଦକ୍ଷିଣ ଓଡ଼ିଶାର ବିକାଶ ପ୍ରତି ରେଳ ମନ୍ତ୍ରଣାଳୟର ଅଣଦେଖା ପ୍ରମାଣିତ ହୋଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଭିତ୍ତିପ୍ରସ୍ତର ସ୍ଥାପନ



**ଆସିକା,୫।୬(ଡି.ଏନ୍.ଏ.):** ଆସିକା ବ୍ଲକ ଆଲିପୁର ପଞ୍ଚାୟତରେ ସୋମବାର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଲାଗି ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୪୩ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ଲାଗି ଯୋଜନା କରାଯାଇଛି। ଏହି ଅବସରରେ ବିଧାୟିକା ରାଜ୍ୟର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦିଗରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ନେତା ଅଭିମନ୍ୟୁ ନାହାକ, ଆଲିପୁର ସରପଞ୍ଚ ଜ୍ୟୋତିର୍ମୟୀ ନାହାକ, ସମିତିସଭ୍ୟା ମମତା ମଲିକ, ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ଟୁଲୁ ଜେନାଙ୍କ ସମେତ ବହୁ ସରପଞ୍ଚ ସାମିଲ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ଅଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଟି ନ ଦେବାରୁ ପ୍ଲଟ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣିଲେ

**ବ୍ରହ୍ମପୁର ଅଫିସ,୫।୬:** ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଜଣେ ପ୍ଲଟ ବ୍ୟବସାୟୀଙ୍କୁ ସୋମବାର ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଛନ୍ତି। ପ୍ଲଟ ବ୍ୟବସାୟୀ ଧର୍ମନଗରର ବଳିଆ ସାହୁ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରରେ ଦର୍ଶନ ସାରି ଫେରିବା ବେଳେ ଘର ନିକଟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଅପରାଧୀ ଗୋଷ୍ଠୀ ବଳିଆଙ୍କୁ ଖଣ୍ଡାରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଫାଷ୍ଟଗେଟ ନିକଟ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଏମକେସିଜି ମେଡିକାଲ ନିଆଯାଇଥିଲା। ମୁଣ୍ଡରେ ଏକାଧିକ ଷ୍ଟିଚ ପଡ଼ିଥିବାରୁ ତାଙ୍କର ଚେତା ଫେରି ନ ଥିଲା। ପରିବାର ଲୋକେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ନେଇଥିବା ଜଣାପଡ଼ିଛି। ବଳିଆଙ୍କୁ କେତେଜଣ ଯୁବକ ବଟି ମାଗୁଥିଲେ। ସେ ଏହାର ପ୍ରତିବାଦ କରୁଥିବାରୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ତାଙ୍କ ମା’ଙ୍କ ଅଭିଯୋଗପ୍ରକାରେ ୧୯୩/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## ସବୁଜ ବାହିନୀର ‘ମୁଁ ବି ବଞ୍ଚିବାକୁ ଚାହେଁ’ କାର୍ଯ୍ୟକ୍ରମ




ନୂଆ ବସ ଷ୍ଟାଣ୍ଡରେ ସଚେତନ କରାଯାଉଛି।



ବ୍ରହ୍ମପୁର ବିଶ୍ୱବିଦ୍ୟାଳରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ବ୍ରହ୍ମପୁର ଅଫିସ,୫।୬**

ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ଅବସରରେ ‘ମୁଁ ବି ବଞ୍ଚିବାକୁ ଚାହେଁ’ କାର୍ଯ୍ୟକ୍ରମ ନୂଆ ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଏମସି ଡେପୁଟି କମିଶନର ବିନୋଦ କୁମାର ବେହେରା ଯୋଗ ଦେଇଥିଲେ। ନୂଆ ବସଷ୍ଟାଣ୍ଡ ନିକଟବର୍ତ୍ତୀ ବୃକ୍ଷରେ ଲାଗିଥିବା କଣ୍ଟା, ଲୁହା ତାର, ବିଜ୍ଞାପନଗୁଡିକୁ ମୁଖ୍ୟ ଅତିଥି ସଂଘର ସଦସ୍ୟଙ୍କ ସହ ମିଶି ବାହାର କରିଥିଲେ। ଏଥିସହ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀଙ୍କୁ ଗଛରେ କଣ୍ଟା ନ ପିଟିବାକୁ ପରାମର୍ଶ ଦେଇଥିଲେ। କଣ୍ଟା ପିଟିବା ଦ୍ୱାରା ଗଛର ମଧ୍ୟ ଭାଗରେ ଥିବା କୋଷିକା ସମୂହ ଓ ତନ୍ତୁ ଗୁଡିକ ନଷ୍ଟ ହୋଇଥାଏ। ଯାହାଦ୍ୱାରା ଗଛ ଦୁର୍ବଳ ହେବା ସହ ସାମାନ୍ୟ ବର୍ଷା ହେଲେ ଉପୁଡ଼ିଯିବାର ସମ୍ଭାବନା ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଏ ଦିଲୀପ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସହ ସଂପାଦକ ପି ବିନୋଦ, କୋଷାଧ୍ୟକ୍ଷ ଗଣେଶ ପାଣିଗ୍ରାହୀ, କେ କବିତା, ଆକାଶ ରାଉତ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ବ୍ରହ୍ମପୁର ରୋଟାରୀ କ୍ଲବ ଆନୁକୂଲ୍ୟରେ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ ଅଞ୍ଜନ କୁମାର ପୃଷ୍ଟି ଓ କ୍ଲବର ସଭାପତି ସତ୍ୟକାମ ପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଂପାଦକ ସାର୍ଥକ, ସନ୍ତୋଷ, ରବି କୁମାର ଓ ମଧୁ ସ୍ମିତାଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରମାଣ ଅଭାବରୁ ଭିଣୋଇ ନିର୍ଦ୍ଦୋଷ

### ଶାଳୀଙ୍କୁ ଯୌନ ନିର୍ଯାତନା ମାମଲା

**ବ୍ରହ୍ମପୁର ଅଫିସ,୫।୬**

ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଏକ ଯୌନ ନିର୍ଯାତନା ମାମଲାର ବୃତାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ତଥା ପୀଡ଼ିତାଙ୍କ ଭିଣୋଇ ମଗୁଲୁ ପ୍ରଧାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ମଗୁଲୁ ବନ ବିଭାଗରେ କାମ କରୁଥିଲେ। ୨୦୧୪ ଜୁନ ୧୬ ତାରିଖ ରାତିରେ ସେ ତାଙ୍କ ଶାଳୀଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ମଗୁଲୁ ବଳାତ୍କାର ଉଦ୍ୟମ କରିଥିବା ନେଇ ପୀଡ଼ିତା ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୭୭/୧୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଗୁଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସେ ଜାମିନ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ମଗୁଲୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ମଗୁଲୁ ନିର୍ଦ୍ଦୋଷ ବୋଲି ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ବାପାଙ୍କ ସହ ୩ ପୁଅ ଗିରଫ

**ବ୍ରହ୍ମପୁର ଅଫିସ,୫।୬**

### ବ୍ୟବସାୟୀଙ୍କୁ ବଟି ମାଗିବା ସହ ଆକ୍ରମଣ ଘଟଣା

ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚପଡ଼ା ଛୁଆବନ୍ଧ ନିକଟରେ ଜଣେ ଆଖୁ ରସ ବିକ୍ରେତାଙ୍କୁ କେତେଜଣ ବଟି ମାଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ମାମଲାରେ ଗୋଟିଏ ପରିବାରର ବାପା ଓ ୩ ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଲୋଚାପଡା ଗଣେଶ ମାର୍ଗରେ ରହୁଥିବା ଭଜରାମ ମେହେର, ତାଙ୍କ ପୁଅ କାର୍ତ୍ତିକେଶ୍ୱର ମେହେର, ଗୋପାଳ କୃଷ୍ଣ ମେହେର ଓ ସତ୍ୟନାରାୟଣ ମେହେର। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଲୋଚାପଡ଼ା ଅଞ୍ଚଳରେ ଶୋଭା ଚନ୍ଦ୍ର ସେଠୀ ଆଖୁ ରସ ବିକ୍ରି କରିଥାନ୍ତି। ଗତ ୧ ତାରିଖରେ କେତେଜଣ ଲୋକ ତାଙ୍କଠାରୁ ଆଖୁ ରସ ପିଇ ପଳାଉଥିଲେ। ଶୋଭା ଟଙ୍କା ମାଗିବାରୁ ସେମାନେ ଧମକାଇ ଆମ ଅଞ୍ଚଳରେ ବ୍ୟବସାୟ କରୁଛୁ, ଦାଦାବଟି ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଶୋଭାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସିତ ହୋଇ ଫେରିବା ପରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬୮/୨୩ ରେ ମାମଲା ରୁଜୁ କରିଥିଲା।

## ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ



ନିର୍ବାହୀ ଅଧିକାରୀ ଜଣେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଆସିକା,୫।୬(ଡି.ଏନ୍.ଏ.)**

ଆସିକା ଏନ୍‌ଏସିରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ସରକାରଙ୍କ ଗାରିମା ଯୋଜନାରେ ନିୟୋଜିତ ଏହି କର୍ମଚାରୀଙ୍କୁ ଉପଢ଼ୌକନ, ସ୍ୱତନ୍ତ୍ର ପରିଚୟ ପ୍ରଦାନ ସହ ଭୂରି ଭୋଜନରେ ଆପ୍ୟାତି କରାଯାଇଥିଲା । ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏମ.ପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ଏନଏସିର ବ୍ରାଣ୍ଡ ଆମ୍ବାସଡର ଅରୁଣ କୁମାର ପାତ୍ରଙ୍କ ସମେତ ବହୁ କାଉନସିଲର ସାମିଲ ଥିଲେ।

# ଭଗବାନଙ୍କ କୃପାରୁ ସୁରକ୍ଷିତ ଫେରିଲୁ

**ବ୍ରହ୍ମପୁର ଅଫିସ,୫।୬**

### ମନରୁ ଲିଭିବନି ଟ୍ରେନ୍ ଦୁର୍ଘଟଣା

ବାହାନଗା ନିକଟରେ ଟ୍ରେନ ଦୁର୍ଘଟଣା କଥା ଭାବିବା ବେଳକୁ ଲୁହ ଆସିଯାଉଛି। ମୁ ଓ ମୋ ପରିବାର ଭଗବାନଙ୍କ କୃପାରୁ ସେଠାରୁ ସୁରକ୍ଷିତ ଫେରିଛୁ ବୋଲି ଦୁର୍ଘଟଣାରୁ ବର୍ତ୍ତିଥିବା ବ୍ରହ୍ମପୁର ଗୋସାଇଁ ନୂଆଗାଁ ଅଞ୍ଚଳର ଇଜିକେୟଲ ଦାସ କହିଛନ୍ତି। ସେ ୨ ତାରିଖ ସନ୍ଧ୍ୟା ୫ଟାରେ ଖଡଗପୁରରୁ କରମଣ୍ଡଳ ଏକ୍ସପ୍ରେସରେ ଆସୁଥିଲେ। ତାଙ୍କର ଓ ତାଙ୍କ ସ୍ତ୍ରୀ ସୁମିତା ଦାସଙ୍କ କୋଚ ନଂ. ବି-୨ରେ ୪୨ ଓ ୪୩ ନଂ ସିଟ ରହିଥିବା ବେଳେ ପୁଅ ଜର୍ଜ ଜେକପ ଦାସଙ୍କ କୋଚ୍ ନଂ ବି-୮ରେ ସିଟ୍ ନଂ ୫୯ ଥିଲା। ହେଲେ ବି-୨ କୋଚ୍‌ରେ ହିଁ ପୁଅ ତାଙ୍କ ସହ ବସିଲା। କିଛି ସମୟ ପରେ ଟିଟି ଆସିବାରୁ କୋଚ୍ ବି-୮ର ସିଟ ପରିବର୍ତ୍ତନ କରିବାକୁ ଚାହୁଁଛି ବୋଲି ଇଜିକେୟଲ କହିଥିଲେ। ଟିଟି ବି-୮ରେ ଥିବା ଟିଟିଙ୍କୁ କହିବାକୁ କହିଥିଲେ। ସନ୍ଧ୍ୟା ୭ଟାରେ ବଗିକୁ ଏକ ଶକ୍ତ ଧକ୍କା ହେବା ସହ ଭୀଷଣ ଶବ୍ଦ ଶୁଭିଥିଲା। ରେଳ ଲାଇନ ଉପରେ ବଗିଟି ଘୋଷାଡି ହେଲା ଭଳି ଲାଗିଲା। ସେ ସମୟରେ ମୁଁ ଓ ମୋ ପରିବାର ସଦସ୍ୟ ଆଗ ସିଟକୁ ଧରି ବସିଗଲୁ ବୋଲି ଇଜିକେୟଲ କହିଛନ୍ତି।



କରମଣ୍ଡଳ ଦୁର୍ଘଟଣାରୁ ସୁରକ୍ଷିତ ଫେରିଥିବା ପରିବାର।

ସେତବେଳକୁ ବାହାରୁ ଚିତ୍କାର ଶୁଭିଲାଣି। ଆମ ବଗି ସାମାନ୍ୟ ଭାରସାମ୍ୟ ହରାଇଥିଲେ ମଧ୍ୟ ସୁରକ୍ଷିତ ଥିଲା। ସାହସ ଜୁଟାଇ ମୁଁ ଓ ମୋ ପରିବାର ବଗି ବାହାରକୁ ଆସିଲୁ। ଚାରିଆଡ଼େ ଅନ୍ଧାର। ଅନେକ ବଗିର ଚକ ଓଲଟି ପଡିଥିବା ଓ ଉପରେ ତାର ଝୁଲୁଥିଲା। ବଗି ତଳେ ଲୋକେ ଚାପି ହୋଇ ଚିତ୍କାର କରୁଥିଲେ। କିଛି ସମୟ ମଧ୍ୟରେ ନିକଟରେ ଥିବା ଗ୍ରାମବାସୀ ଆସି ବହୁତ ସାହାର୍ଯ୍ୟ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଯାତ୍ରୀଙ୍କୁ ପାଣି ମଧ୍ୟ ଦେଇଥିଲେ। କିଛି ଦୂର ଚାଲିକି ଆସିବା ପରେ ଆମେ ଜାତୀୟ ରାଜପଥରେ ପହଞ୍ଚିଥିଲୁ। ଏହାପରେ ବାଲେଶ୍ୱରରେ ରହୁଥିବା ଜଣେ ସଂପର୍କୀୟଙ୍କୁ ଫୋନ କଲି। ସପରିବାର ତାଙ୍କ ଘରେ ରହି ବ୍ରହ୍ମପୁରକୁ କାର ଯୋଗେ ଫେରିଲୁ ବୋଲି ଇଜିକେୟଲ କହିଛନ୍ତି। ଭଗବାନଙ୍କ କୃପାରୁ ଅନେକ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଦୁର୍ଘଟଣାରେ ମୃତକଙ୍କ ପରିବାର ବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇଛନ୍ତି।

## ଟାଏକୋଣ୍ଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୫।୬**

ହିଲପାଟଣାସ୍ଥିତ ଟାଏକୋଣ୍ଡୋ ଏକାଡ଼େମୀ ଅଫ ବ୍ରହ୍ମପୁର ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ ଅଧକ୍ଷତା କରିଥିବା ବେଳେ ସଭାପତି ଜିତେନ୍ଦ୍ର କୁମାର ମୁନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ସାହୁ, ଉପସଭାପତି ସୁବ୍ରତ କୁମାର ପାଢ଼ୀ, ରଘୁନାଥ ପ୍ରଧାନ, ଦେବାଶିଷ ବେହେରା ଉପସ୍ଥିତ ଥିଲେ। ଶିବିରରେ ଟାଏକୋଣ୍ଡୋ ସମେତ ସ୍କେଟିଂ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ରହ୍ମପୁର ସହରର ବିଭିନ୍ନ ସ୍କୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିବିରରେ ସାମିଲ ହୋଇଥିଲେ। ଅତିଥି ମାନେ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ।




ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ, ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୫।୬**

ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ୧ ମାସ ଧରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଚାଲିଥିବା ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏଥିସହ ୨ ଦିନିଆ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ମଧ୍ୟ ସରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ଅଧକ୍ଷତା କରିଥିଲେ। ସଂଘ ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି, ଜିଲା ବିଜେଡ଼ି ଉପସଭାପତି ଭୀମସେନ ଦଳାଇ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥି ଭାବେ କର୍ପୋରେଟର ପ୍ରଦୀପ ଶତପଥୀ, ସମାଜିକ କର୍ମୀ ଶ୍ରୀକାନ୍ତ ସାବତ,ସ୍ପୋର୍ଟସ ପ୍ରମୋଟର ମିତେନ ଭୁୟାଁ, ପୂର୍ବତନ ହକି ଖେଳାଳୀ ବିର୍ଲା ମାଝୀ, ପ୍ରିୟବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଟିମ ଭାଗ ନେଇଥିଲେ। ସିନିୟର ବିଭାଗରେ ବ୍ରହ୍ମପୁର ଷ୍ଟିଲର ୮-୭ ଗୋଲ ବ୍ୟବଧାନରେ ଗଞ୍ଜାମ ଟାଇଗର୍ସ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ବ୍ରହ୍ମପୁର ସହରରେ ହ୍ୟାଣ୍ଡବଲ କ୍ରୀଡ଼ା ପ୍ରତି କ୍ରୀଡ଼ାବିତଙ୍କ ଉତ୍ସାହକୁ ଦେଖି ସ୍ୱତନ୍ତ୍ର ଖେଳପଡ଼ିଆ ପ୍ରସ୍ତୁତ କରିବା ନିମନ୍ତେ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଗଞ୍ଜାମ ଜିଲାର ଫାଉଣ୍ଡର ମେମ୍ବର ଈଶ୍ୱର ମହାନ୍ତିଙ୍କୁ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆସନ୍ତା ୮ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁର ଠାରେ ପ୍ରଥମ ଥର ପାଇଁ ହେବାକୁ ଥିବା ହ୍ୟାଣ୍ଡବଲ ପ୍ରିମିୟର ଲିଗ ପୋଷ୍ଟର ଲୋଗୋ ଉନ୍ମୋଚିତ ହୋଇଥିଲା । ଅନ୍ତର୍ଜାତୀୟ ଖେଳାଳୀ ସନ୍ଦୀପ ପାତ୍ର ଏବଂ କ୍ରୀଡା ଶିକ୍ଷକ ତଥା ଜାତୀୟ ରେଫେରୀ ଏ ତେଜସ୍ୱି,ପ୍ରମୋଦ କୁମାର ପଟ୍ଟନାୟକ,ଅଭି,ବିକାଶ କୁମାର,ଚକାଡୋଳା ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ଚାମ୍ପିୟନ ଟିମ୍।

